# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## <u>କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ</u>

ତା ୨୩.୦୬.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ-BMC-ICOMC ର ତଳ ମହଲା
ସ୍ଥିତ, କ୍ଷୁଦ୍ର ସଭାକକ୍ଷ

<u>ଉପସ୍ଥିତ ସଭ୍ୟ/ସଭ୍ୟା:-</u>

୧. ଶ୍ରୀମତୀ ସୁଲୋଚନା ଦାସ, ମେୟର-ତଥା-ଚେୟାରପର୍‌ସନ୍,
୨. ଶ୍ରୀ ବିଜୟ ଅମୃତା କୁଲାଙ୍ଗେ, ଆଇ.ଏ.ଏସ୍, ମ୍ୟୁନିସିପାଲ୍ କମିଶନର,
୩. ଶ୍ରୀମତୀ ଭାରତୀ ସିଂ, ସଭ୍ୟା,
୪. ଶ୍ରୀମତୀ କେ. ଶାନ୍ତି, ସଭ୍ୟା

ଅଦ୍ୟ ତା ୨୩.୦୬.୨୦୨୩ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ BMC-ICOMC ର ତଳ ମହଲା (LG Floor) ସ୍ଥିତ, କ୍ଷୁଦ୍ର ସଭାକକ୍ଷ (Mini Conference Hall) ରେ ଭୁବନେଶ୍ୱର ମହାନଗର ନିଗମର କଂଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ସୁଲୋଚନା ଦାସ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ଭୁବନେଶ୍ୱର ମହାନଗର ନିଗମାଂଚଳର ଉନ୍ନୟନମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚର:-

| କ୍ର.ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Providing paver block in Conservancy lane at labour colony, Unit-3 Kharavel Nagar in W.No.-35 File No.- XXIX-II-1388/2022 | Rs.1,03,79,453/- | Rs.1,08,46,528/- | Debi Prasad Das | 4.50 |

ନିର୍ଦ୍ଧାରଣ-୧. ଏ ପ୍ରସ୍ତାବ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୬୬୭-1(b) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ-୨. ଭୁବନେଶ୍ୱର ମହାନଗର ନିଗମାଂଚଳରେ ନିମ୍ନଲିଖିତ ନାଳ ନିର୍ମାଣ ଓ ବୈଦ୍ୟୁତିକ କାର୍ଯ୍ୟ କରିବା ପାଇଁ ପାର୍ଶ୍ୱଲିଖିତ ଅଟକଳ ମୂଲ୍ୟର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚ୍ଚର:-

| କ୍ର.ନଂ | ନଥି ସଂଖ୍ୟା | କାର୍ଯ୍ୟର ନାମ | ଅଟକଳ ପରିମାଣ |
|---|---|---|---|
| 1 | XXXXXV (Drainage) 297/2023 | Const. of Rcc drain on left side of R & B road of Vivekananda Marg upto Main Drain No.-7 in W.No.-55 | Rs.2,60,45,744/- |
| 2 | XXXXXV (Drainage) 246/2023 | Const. of Rcc drain with cover slab from Krishna Tower to Bhoi sahi service Road in Ward No.-38 | Rs.1,59,32,000/- |
| 3 | XXXXXV (Drainage) 222/2023 | Const. of Rcc box cell drain size (2.0 X 1.50 m) near Plot No.-3777 to Plot No.-842 from Laxmisagar Fishery Tank periphery (West & North side) in W.No.-43 | Rs.3,72,22,000/- |

| | | | |
|---|---|---|---|
| 4 | XXXXXV (Drainage) 282/2022 | Const. of Rcc box drain with road from Mahadeb Nagar Chhaka to Gangua Bridge in W.No.-32 | Rs.2,90,79,000/- |
| 5 | XXXXXV (Drainage) 129/2023 | Const. of Rcc drain with cover slab from Daya west canal connecting to Gangua nallah through OSCAR City main road Laxmisagar in Ward No.-43 | Rs.2,70,73,000/- |
| 6 | XXXXXV (Drainage) 101/2023 | Const. and linking of internal drains with cover slabs to existing Main drains of Satya Vihar in W.No.-05 | Rs.1,34,87,000/- |

ନିର୍ଦ୍ଧାରଣ-୨. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୨ ଓ ୬ ରେ ଉଲ୍ଲିଖିତ କାର୍ଯ୍ୟର ଅଟକଳ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୧-1(b) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୧,୩,୪ ଓ ୫ ରେ ଉଲ୍ଲିଖିତ କାର୍ଯ୍ୟର ଅଟକଳ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ବିଜ୍ଞପ୍ତି ସଂଖ୍ୟା-୧୨୭୬୧-1(c) ତା ୨୨.୦୫.୨୦୧୮ ରିଖ ଅନୁଯାୟୀ ସର୍ବ ସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ-୩. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୩. ବର୍ଷା ହେଲେ ଭୁବନେଶ୍ୱର ମହାନଗର ନିଗମାଂଚଳର କେତେକ ସ୍ଥାନରେ ଜଳ ଠିକ୍ ଭାବରେ ନିଷ୍କାସନ ନହୋଇ ଜଳ ଜମାହୋଇ ରହୁଅଛି, ଫଳରେ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେଣୁ ଜନସାଧାରଣଙ୍କୁ ସୁବିଧା ଯୋଗାଇବା ପାଇଁ କାର୍ଯ୍ୟାଳୟରେ ଗୋଟିଏ ୨୪ ଘଂଟିଆ କଂଟ୍ରୋଲ୍ ରୁମ୍ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ଣ ୪.୪୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ସୁଲୋଚନା ଦାସ
ସଭାପତି
ତା ୨୩.୦୬.୨୦୨୩ ରିଖ

23/6/23